# Akashvani, Sambalpur

## SAMBALPURI NEWS EVENING BULLETIN

## 7 February 2025- 7.02 pm- 7.12 pm.

*********************************************

୧- ଭୁବ୍‌ନେଶ୍ୱର୍ ଠାନେ ୬ ହଜାର୍ ୩ ଶହ ୯୦ ଝନ୍‌କୁ ନିଯୁକ୍ତି ପତ୍ର ବାଂଟ୍‌ଲେ ମୁଖ୍ୟମନ୍ତ୍ରୀ ।

୨- ସୁଭଦ୍ରା ଯୋଜ୍‌ନାର୍ ପହେଲା କିସ୍ତିର୍ ୪ ନମ୍ବର୍ ଖେପ୍ ସାହାଜ୍ ଟଙ୍କା ଆଏବା କାଏଲ୍ ପାଏବେ ହିତାଧିକାରୀ ।

୩- ଇଥର ନୂଆଁ ରୂପ୍‌ଥି ଆସୁଛେ ପରୀକ୍ଷାପେ ଚର୍ଚ୍ଚା କାର୍ଯ୍ୟକ୍ରମ୍- ଭିଡ଼ିଓ ଜାରି କଲେ ପ୍ରଧାନ୍‌ମନ୍ତ୍ରୀ ।

ଆଉର୍

୪- ସମ୍ବଲ୍‌ପୁର୍ ନୁ ୭ ଶହ ୭୫ ଝନ୍ ବରିଷ୍ଠ ନାଗରିକଙ୍କୁ ନେଇକରି ବାହାର୍‌ଲା ତୀର୍ଥଯାତ୍ରୀ ଟ୍ରେନ୍- ଶୁଭାରମ୍ଭ କଲେ ଉପମୁଖ୍ୟମନ୍ତ୍ରୀ ।

ନିଯୁକ୍ତି ପତ୍ର I&PR

ସର୍‌କାରୀ ଚାକିରୀକେ ଖାଲି ଚାକିରୀ ନାଇଁ ଭାବିକରି ଗୁଟେ ସେବା ହିସାବେ ନେଇକରି ଲୁକ୍‌କୁ ସେବା ଯୁଗାବାର୍‌କେ ନୂଆଁକରି ନିଯୁକ୍ତି ପାଇଥିବା ପ୍ରାର୍ଥୀମାନ୍‌କୁ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ପରାମର୍ଶ ଦେଇଛନ୍ । ଭୁବ୍‌ନେଶ୍ୱର୍ କେପିଟାଲ୍ ହାଇସ୍କୁଲ୍ ପଡ଼ିଆ ଠାନେ ହେଇଥିବା ନିଯୁକ୍ତି ମେଳାଥି ଆଏଜ୍ ମୁଖ୍ୟମନ୍ତ୍ରୀ ଭିନ୍ ଭିନ୍ ବିଭାଗ୍‌ର ୬ ହଜାର୍ ୩ ଶହ ୯୦ ଝନ୍‌କୁ ନିଯୁକ୍ତି ପତ୍ର ବାଂଟିକରି କହିଛନ୍....

(ଭଏସ୍ ଓଭର୍- ୧ - ମୁଖ୍ୟମନ୍ତ୍ରୀ)

ଇଥି ବିଦ୍ୟାଳୟ ଆଉ ଗଣଶିକ୍ଷା ବିଭାଗ୍‌ର ୨ ହଜାର୍ ୭ ଶହ ସତ୍‌ଷଠୀ ଝନ୍ ଆର୍ ସ୍ୱାସ୍ଥ୍ୟ ଆର୍ ପରିବାର୍ କଲ୍ୟାଣ୍ ବିଭାଗ୍‌ର ୨ ହଜାର୍ ୭ ଶହ ୫୩ ଝନ୍ ବହୁମୁଖୀ ମହିଳା ସ୍ୱାସ୍ଥ୍ୟକର୍ମୀ ନିଯୁକ୍ତି ପତ୍ର ପାଇଛନ୍ । ସେନ୍ତା ଅର୍ଥ ବିଭାଗ୍‌ର ଶହେ ୩୦ ଝନ୍, ଜଲ୍‌ସମ୍ପଦ୍ ବିଭାଗ୍‌ର ୫୭ ଝନ୍ ଆର୍ ଭିନ୍ ଭିନ୍ ବିଭାଗ୍‌ଥି ନିଯୁକ୍ତି ପାଇଥିବା ଯୁଆନ୍ ପିଲାଟୁକେଲ୍ ଅଛନ୍ ।

ପରୀକ୍ଷା ପେ ଚର୍ଚ୍ଚା ପି.ଆଇ.ବି.

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଏବା ୧୦ ତାରିଖ୍ ଦିନର୍ ୧୧ ବଜେ ପରୀକ୍ଷା ପେ ଚର୍ଚ୍ଚା କାର୍ଯ୍ୟକ୍ରମ୍‌ଥି ଦେଶର ଭିନ୍ ଭିନ୍ ଅଂଚଲ୍‌ର ୩୬ ଝନ୍ ଛାତ୍ରଛାତ୍ରୀଙ୍କର୍ ସାଙ୍ଗେ ସିଧାସଲଖ୍ ବିଚାର୍ ବିନିମୟ କର୍‌ବେ । ପ୍ରଧାନମନ୍ତ୍ରୀ ଇ ଅବ୍‌ସରେ ଛାତ୍ରଛାତ୍ରୀ, ଅଭିଭାବକ୍ ଆର୍ ଶିକ୍ଷକ୍‌ମାନଙ୍କର୍ ସାଙ୍ଗେ ଆଲୋଚନା କରି କରି ପରୀକ୍ଷାର୍ ପ୍ରସ୍ତୁତି, ଚାପ ନିୟନ୍ତ୍ରଣ ଆର୍ ବ୍ୟକ୍ତିଗତ୍ ବିକାଶକେ ନେଇକରି ମାର୍ଗଦର୍ଶନ୍ ଦେବେ । ଇଥର ପରୀକ୍ଷାପେ ଚର୍ଚ୍ଚା କାର୍ଯ୍ୟକ୍ରମ୍ ଗୁଟେ ନୂଆଁ ରୂପ୍‌ଥି ଆସୁଛେ । ପ୍ରଧାନ୍‌ମନ୍ତ୍ରୀଙ୍କର୍ ସାଙ୍ଗେ ଭିନ୍ ଭିନ୍ କ୍ଷେତ୍ରର ବିଶେଷଜ୍ଞମାନେ ଭିଲ୍ ଛାତ୍ରଛାତ୍ରୀମାନ୍‌କର୍ ମାର୍ଗଦର୍ଶନ୍ କର୍‌ବେ । କାର୍ଯ୍ୟକ୍ରମ୍‌କେ ନେଇକରି ପ୍ରଧାନ୍‌ମନ୍ତ୍ରୀ ଆଏଜ୍ ଗୁଟେ ଭିଡ଼ିଓ ଜାରି କରିଛନ୍ । ଇଥି ପ୍ରଧାନ୍‌ମନ୍ତ୍ରୀ ଦିଲ୍ଲୀର୍ ସୁନ୍ଦର୍ ନର୍ସରୀ ଠାନେ ଛାତ୍ରଛାତ୍ରୀମାନ୍‌କର୍ ସାଙ୍ଗେ ବିଚାର୍ ବିନିମୟ କରୁଛନ୍ ।

ଇ ବଛର୍ ପ୍ରଧାନମନ୍ତ୍ରୀଙ୍କର୍ ପରୀକ୍ଷା ପେ ଚର୍ଚ୍ଚାର୍ ୮ ନମ୍ବର୍ ଖେପ୍ ହେବା ଆର୍ ଇଟା ୮ଟା ଏପିସୋଡ୍‌ଥି ହେବା । ଆଲୋଚନାର୍ ସିଧା ପ୍ରସାରଣ୍ ଦୂରଦର୍ଶନ, ସ୍ୱୟଂ, ସ୍ୱୟଂପ୍ରଭା, ପିଏମ୍‌ଓ ୟୁଟ୍ୟୁବ୍ ଚ୍ୟାନେଲ୍ ଶିକ୍ଷା ମନ୍ତ୍ରଣାଳୟ ଆର୍ ସୂଚନା ଆର୍ ପ୍ରସାରଣ ମନ୍ତ୍ରଣାଳୟର୍ ସୋସିଆଲ୍ ମିଡିଆ ଚ୍ୟାନେଲ୍‌ଥି ହେବା ।

ତୀର୍ଥ ଯାତ୍ରୀ ଟ୍ରେନ୍        ସମ୍ବଲପୁର୍ ସମ୍ବାଦଦାତା

ବରିଷ୍ଠ ନାଗରିକ ତୀର୍ଥ ଯାତ୍ରୀ ଟ୍ରେନ୍ ଆଏଜ୍ ସମ୍ବଲପୁରଠାନୁ ଓଡ଼ିଶାର ୮ଟା ଜିଲ୍ଲାର ୭୭୫ ଝନ୍ ବରିଷ୍ଠ ନାଗରିକ୍‌ମାନ୍‌କୁ ନେଇକରି ଦେଶର୍ ଭିନ୍ ଭିନ୍ ତୀର୍ଥ ଜାଗାକେ ଯାଇଛେ । ଉପମୁଖ୍ୟମନ୍ତ୍ରୀ ଆର୍ ପର୍ଯ୍ୟଟନ୍ ମନ୍ତ୍ରୀ ପ୍ରଭାତି ପରିଡ଼ା ଇ ଟ୍ରେନ୍ ଯାତ୍ରାର୍ ଶୁଭାରମ୍ଭ କରିଛନ୍ । ଇ ଅବ୍‌ସରେ ଉପବାଚସ୍ପତି ଭବାନୀ ଭୋଇ ଭି‌ଲ୍ ସାମିଲ୍ ଥିଲେ । ଇଥି ସମ୍ବଲପୁର ଜିଲ୍ଲା ସହେତେ ବରଗଡ଼, ଦେବଗଡ଼, ଝାରସୁଗୁଡ଼ା, ସୁନ୍ଦରଗଡ଼, ବଲାଙ୍ଗୀର, ସୁବର୍ଣ୍ଣପୁର ଆର୍ ଅନୁଗୁଳ ଜିଲ୍ଲାର ବରିଷ୍ଠ ନାଗରିକ ସାମିଲ୍ ଅଛନ୍ ।

(ଭଏସ୍ ଓଭର୍-୨- ଉପମୁଖ୍ୟମନ୍ତ୍ରୀ)

ଇନ ଜନେଇ ଦିଆଯାଇପାରେ ଯେ, ସରକାରୀ ସାହାଜ୍‌ଥି ଇ ବଛର୍ ରାଜ୍ୟର୍ ୮ ହଜାର ବରିଷ୍ଠ ନାଗରିକ ୧୦ଟା ଖେପେ ରାଜ୍ୟର୍ ଭିନ୍ ଭିନ୍ ରେଲ୍ ଷ୍ଟେସନ୍‌ନୁ ସିରିଡ଼ି, ନାସିକ, ଦକ୍ଷିଣେଶ୍ୱର କାଳୀ, କାମାକ୍ଷା, ଅଯୋଧ୍ୟା, ବାରଣାସୀ ବାଗିର୍ ଭିନ୍ ଭିନ୍ ଜାଗାକେ ଯାଉଛନ୍ ।

ରାଜ୍ୟ କେବିନେଟ୍        ଆର୍‌ଏନ୍‌ୟୁ/ ସମ୍ବଲପୁର

ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ଠାନେ ଆଏଜ୍ ସଞ୍ଜେ ରାଜ୍ୟ କେବିନେଟ୍‌ର ଗୁଟେ ଗୁରୁତ୍ୱପୂର୍ଣ୍ଣ ବୈଠକ୍ ବସ୍‌ବା । ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀଙ୍କର୍ ଅଧ୍ୟକ୍ଷତାଥି ବୈଠକ୍ ନ ବହୁତ୍ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ୍ ଉପ୍‌ରେ ମୋହର୍ ଲାଗିପାରେ । ଆଏବା ୧୩ ତାରିଖ୍‌ନୁ ବିଧାନ୍‌ସଭା ବଜେଟ୍ ଅଧିବେଶନ୍ ମୁଲ୍ ହେବାର୍‌କେ ଯାଉଥିବାର୍‌ନୁ ୨୦୨୫-୨୬ ଆର୍ଥିକ୍ ବଛରର୍ ବଜେଟ୍ ସହେତେ ବିଧାନ୍‌ସଭାନ ଉପସ୍ଥାପନ୍ ହେବାର୍‌କେ ଥିବା ଭିନ୍ ଭିନ୍ ବିଲ୍‌କେ କେବିନେଟ୍ ବୈଠକ୍ ନ ଉପସ୍ଥାପନ୍ କରାଯିବା ବଲି ଜନାପଡ଼ିଛେ ।

ଆର୍‌ବିଆଇ- ରେପୋରେଟ୍ ଏନ୍‌ଏସ୍‌ଡି

ଭାରତୀୟ ରିଜର୍ଭ ବେଙ୍କ୍-ଆର୍‌ବିଆଇ ପଲିସି ରେପୋରେଟ୍‌ଥି ୨୫ ପଏଂଟ୍ କମ୍ କରିକରି ୬ ଦଶ୍ମିକ୍ ୫/ଶୂନ୍ ପ୍ରତିଶତ୍‌ନୁ ୬ ଦଶ୍ମିକ୍ ୨/୫ ପ୍ରତିଶତକେ ଧାରିଜ୍ କରିଛେ । ଇଥିର୍‌ଲାଗି ଷ୍ଟାଣ୍ଡିଂ ଡିପୋଜିଟ୍ ଫେସିଲିଟି - ଏସ୍‌ଡିଏଫ୍ ରେଟ୍ ୬ ପ୍ରତିଶତ୍ ରହୁଥିବାର୍ ବେଲେ ମାର୍ଜିନାଲ୍ ଷ୍ଟାଣ୍ଡିଂ ଫେସିଲିଟି - ଏମ୍‌ଏସ୍‌ଏଫ୍ ରେଟ୍ ଆର୍ ବେଙ୍କ୍ ରେଟ୍ ୬

ଦଶ୍ମିକ୍ ୫/ଶୂନ୍ ପ୍ରତିଶତ୍ ରହେବା ବଲି ଆର୍ବିଆଇ ଗଭର୍ଣ୍ଣର୍ ସଞ୍ଜୟ ମଲ୍ହୋତ୍ରା ସୂଚ୍ନା ଦେଇଛନ୍ । ୨୦୨୪-୨୫ ଆର୍ଥିକ୍ ବଛର୍ଥି ଜିଡ଼ିପି ଅଭିବୃଦ୍ଧି ହାର ୬ ଦଶ୍ମିକ୍ ୪ ପ୍ରତିଶତ୍ ଥିଲା ବେଲେ ଆଏବା ଆର୍ଥିକ୍ ବଛର୍ଥି ଇଟା ୬ ଦଶ୍ମିକ୍ ୯ ନୁ ୬ ଦଶ୍ମିକ୍ ୭ ପ୍ରତିଶତ୍ ତକ୍ ରହେବା ବଲି ଶ୍ରୀ ମଲ୍ହୋତ୍ରା ଆକଲନ୍ କରିଛନ୍ ।

ସୁଭଦ୍ରା I&PR

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ସୁଭଦ୍ରା ଯୋଜ୍ନାର୍ ପହେଲା କିସ୍ତିର୍ ୪ ନମ୍ବର୍ ଖେପ୍ ସାହାଜ୍ ଟଙ୍କା ଆଏବା କାଏଲ୍ ବାଂଟ୍ବେ । ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍, ଯାଜ୍ପୁର୍ ଜିଲ୍ଲା ନ ଗୁଟେ ସ୍ୱତନ୍ତ୍ର ଉତ୍ସବ୍ଥି ଇ ଯୋଜ୍ନାର୍ ସାହାଜ୍ ଟଙ୍କା ବଂଟାଯିବା । ଇ ଖେପେ ୧୮ ଲାଖ୍ନୁ ଅଏତ୍କା ହିତାଧିକାରୀଙ୍କର୍ ବେଙ୍କ୍ ଖାତାକେ ଟଙ୍କା ହସ୍ତାନ୍ତର୍ କରାଯିବା ବଲି ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା କହିଛନ୍ । ଇନ ଜନେଇ ଦିଆଯାଇପାରେ ଯେ, ଇ ଖେପ୍ ଟଙ୍କା ଦେବାର୍ ଉତାରୁ ହିତାଧିକାରୀଙ୍କର୍ ସଂଖ୍ୟା ୯୮ ଲାଖ୍କେ ବଢ଼୍ବା ।

ଆଏବା ମାସ ୮ ତାରିଖ୍ ଦିନ ସୁଭଦ୍ରା ଯୋଜ୍ନାର୍ ୨ ନମ୍ବର୍ କିସ୍ତିର୍ ପହେଲା ଖେପ୍ ଟଙ୍କା ଦିଆଯିବା ବଲି ସର୍କାର୍ ଘୋଷ୍ନା କରିଛନ୍ ।

ଓସିଏସ୍ ପ୍ରିଲିମ୍ ପରୀକ୍ଷା ଫଲ        ଆର୍ଏନ୍ୟୁ/ସମ୍ବଲପୁର

ଓଡ଼ିଶା ଲୋକସେବା ଆୟୋଗ୍- ଓପିଏସ୍ସି ପରିଚାଲିତ୍ ଓଡ଼ିଶା ସିଭିଲ୍ ସର୍ଭିସ୍- ଓସିଏସ୍ ପ୍ରିଲିମ୍ ପରୀକ୍ଷା ଫଲ୍ ଆଏଜ୍ ବାହାରିଛେ । ଇଥି ମେନ୍ ପରୀକ୍ଷା ଲାଗି ୪ ହଜାର୍ ୭ ଶହ ୯୯ ଝନ୍ ପାସ୍ କରିଛନ୍ ।

ମୁଖ୍ୟମନ୍ତ୍ରୀ-ସତ୍ୟବାଦୀ, ବକୁଳବନ        ମୁଖ୍ୟମନ୍ତ୍ରୀ ଏକ୍ସ

ରାଜ୍ୟ ସର୍କାର୍ ପୁରୀ ଜିଲ୍ଲାର୍ ସତ୍ୟବାଦୀ ବନ ବିଦ୍ୟାଳୟ ଆର୍ ବକୁଳବନର ପୁନରୁଦ୍ଧାର୍ ଲାଗି ନିଷ୍ପତି ନେଇଛନ୍ ବଲି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କହିଛନ୍ । ଗଲାକାଏଲ୍ ଭୁବ୍ନେଶ୍ୱର୍ ଲୋକ୍ସେବା ଭବନ୍ ନ ଇ ବାବଦ୍ ଗୁଟେ ବୈଠକ୍ଥି ଇ ନିଷ୍ପତି ନିଆଯାଇଛେ । ବୈଠକ୍ ବାବ୍ଦେ ଆଏଜ୍ ସାମାଜିକ୍ ଗଣମାଧମ୍ଥି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍,

ବକୁଳବନର ଐତିହ୍ୟ ଆର୍ ପରମ୍ପରା ବାବ୍‌ଦେ ଆଝିରର୍ ଛାତ୍ରଛାତ୍ରୀମାନ୍‌କୁ ଜନାବାର୍ ଲାଗି ଇତାର୍ ମୌଲିକ୍ ଢାଂଚା ଅନୁରୂପ ବିକାଶ୍ କର୍‌ବାର୍ ସହେତେ ଆଖର୍‌ପାଖର୍ ଅଂଚଲ୍‌ର ବିକାଶ୍ କର୍‌ବାର୍‌କେ ନିର୍ଦ୍ଦେଶ୍ ଦିଆଯାଇଛେ ।

ସୁଗମ୍ୟ ଯାତ୍ରା ହି.ସ.

ଦିବ୍ୟାଙ୍ଗ ମାନ୍‌କୁ ମେଡ଼ିକାଲ୍ ଆର୍ ସବୁ ସର୍‌କାରୀ କାର୍ଯ୍ୟାଲୟକେ ସୁବିଧାଥି ପୁହୁଁଚାବାର୍ ଲାଗି ଆଏଜ୍ ରାଏଜେ ସୁଗମ୍ୟ ଯାତ୍ରା କାର୍ଯ୍ୟକ୍ରମ୍ ମୁଲ୍ ହେଇଛେ । ଭୁବ୍‌ନେଶ୍ୱର୍ ତୋଷାଳି ଭବନ୍ ଠାନେ ଭିନ୍ନକ୍ଷମ ଆର୍ ସଶକ୍ତିକରଣ୍ ବିଭାଗ୍ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କାର୍ଯ୍ୟକ୍ରମ୍‌ର ଶୁଭାରମ୍ଭ କରିକରି କହିଛନ୍, ଭୁବ୍‌ନେଶ୍ୱର୍ ନ ୩ ଟା ଜୋନ୍ ଲାଗି ୩ ଟା ଦଲ୍ ଗଠନ୍ କରାଯାଇଛେ । ଇ ଦଲ୍ ମାନେ ଭିନ୍ ଭିନ୍ ସର୍‌କାରୀ କାର୍ଯ୍ୟାଳୟ ବୁଲିକରି ଦିବ୍ୟାଙ୍ଗ ମାନ୍‌କର୍ ଲାଗି କରାଯାଇଥିବାର୍ ବ୍ୟବସ୍ଥାର୍ ଅନୁଧ୍ୟାନ୍ କର୍‌ବେ । ସେମାନେ ରିପୋର୍ଟ ଦେବାର୍ ଉତ୍‌ରୁ ଦର୍‌କାରୀ ଜାଗା ନ ଦିବ୍ୟାଙ୍ଗ ମାନ୍‌କର୍ ଲାଗି ସର୍‌କାରୀ କାର୍ଯ୍ୟାଳୟ ମାନ୍‌କେ ଭିନ୍ ଭିନ୍ ବ୍ୟବସ୍ଥା କରାଯିବା । ଫି' ଜିଲ୍ଲା ନ କାର୍ଯ୍ୟକ୍ରମ୍‌ର ତଦାରଖ୍ ଲାଗି ଜିଲ୍ଲାପାଲ୍‌ମାନ୍‌କୁ ଦାୟିତ୍ୱ ଦିଆଯାଇଛେ ବଲି ମନ୍ତ୍ରୀ ଶ୍ରୀ ଗଣ୍ଡ କହିଛନ୍ ।

କୃଷକ୍ ପଞ୍ଜିକରଣ୍ ପ୍ରକ୍ରିୟା I&PR

ସର୍କାର୍ଙ୍କର୍ ଡିଜିଟାଲ୍ କୃଷି ଅଧିନ୍‌ଥି କୃଷକ୍ ପଞ୍ଜିକରଣ୍ ପ୍ରକ୍ରିୟା ଜାରି ରହିଛେ । ଚାଷୀମାନେ ଗ୍ରାମ୍ ପଂଚାୟତ୍‌ସ୍ତରୀୟ କେମ୍ପ୍, କୃଷକ୍ ପଞ୍ଜିକରଣ୍ ପୋର୍ଟାଲ୍ odfr.agristack.gov.in ଜରିଏ ଆର୍ ପାଖର୍ ଜନସେବା କେନ୍ଦ୍ର ନ ପଞ୍ଜିକରଣ୍ କରିପାର୍‌ବେ । ଅଏତ୍‌କା ସୂଚ୍‌ନାର୍ ଲାଗି **୧୫୫-୩୩୩** କେ ଭିଲ୍ ଯୋଗାଯୋଗ୍ କରିପାର୍‌ବେ । ଚାଷୀମାନେ ତୁର୍‌ତି ପଞ୍ଜିକରଣ୍ କରେଇ ନେଇକରି ସର୍କାରୀ ଲାଭ୍ ଉଠଉନ୍ ବଲି ରାଜ୍ୟ କୃଷି ବିଭାଗ୍ ତର୍‌ଫୁ ପରାମର୍ଶ ଦିଆଯାଇଛେ ।

ଭୈମୀ ଏକାଦଶୀ ପୁରୀ ସମ୍ବାଦଦାତା

ଆଏବାକାଏଲ୍ ପବିତ୍ର ଭୈମୀ ଏକାଦଶୀ । ଇ ଉଧେ ପୁରୀ ଶ୍ରୀମନ୍ଦିରଥି ଗୁଟେ ଖାସ୍ ନୀତି ହେଉଥିବାର୍‌ନୁ ଆଏବାକାଏଲ୍ ରତ୍ନଭଣ୍ଡାର ମରାମତି କାମ୍ ବନ୍ଦ ରହେବା । ହେଲେ ରଏବାର୍‌ଠାନୁ ସରକାରଙ୍କର ମାର୍ଗଦର୍ଶିକା

ଅନ୍‌ସାରେ ଫେର୍ ଘାଏ ରତ୍ନଭଣ୍ଡାର ମରାମତି କାମ୍ ମୁଲ୍ ହେବା ବଲି ଶ୍ରୀମନ୍ଦିର ପ୍ରଶାସନ ତରଫୁ ସୂଚ୍‌ନା ଦିଆଯାଇଛେ । ସରସ୍ୱତୀ ପୂଜା ଆର୍ ମହାପ୍ରଭୁଙ୍କର ବନକଲାଗି ନୀତି ଲାଗି ଗଲା ୨ ତାରିଖ୍‌ନୁ ଗଲାକାଏଲ୍ ତକ୍ ରତ୍ନଭଣ୍ଡାର ମରାମତି କାମ୍ ବନ୍ଦ ଥିଲା । ଆଏଜ୍ ଫେରଘାଏ ୨ ନମ୍ବର ଭୋଗ ମଣ୍ଡପ ନୀତି ଉତ୍‌ରୁ ମରାମତି କାମ୍ ମୁଲ୍ ହେଇଥିଲା ।

କୃଷି ବିଜ୍ଞାନ୍ କେନ୍ଦ୍ର -ତାଲିମ୍ ଶିବିର୍ ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ପାଲ୍‌ଝର୍ କୃଷି ବିଜ୍ଞାନ୍ କେନ୍ଦ୍ର ଠାନେ ଜଲବାୟୁ ପରିବର୍ତ୍ତନ୍ ସମିଆଥି ଉନ୍ନତ୍ ପ୍ରଣାଲୀ ଚାଷ୍ ବାବଦ୍ ଗୁଟେ ତାଲିମ୍ ଶିବିର୍ ହେଇଯାଇଛେ । ଇଥି ଜଲ୍‌ବାୟୁ ପରିବର୍ତ୍ତନ୍ ସମିଆଥି ଉନ୍ନତ୍ ଆର୍ ବୈଜ୍ଞାନିକ୍ ପଦ୍ଧତିଥି ଚାଷ୍ କର୍‌ବାର୍ ଆର୍ ଧାନ୍ ବଦ୍‌ଲେ ଅର୍ଥକାରୀ ଫସଲ୍ ଚାଷ୍ କରିକରି ଅର୍ଥନୈତିକ୍ ଅଭିବୃଦ୍ଧି ଲାଗି ଗୋଷ୍ଠୀଗତ ଭାବେ କାମ୍ କର୍‌ବାର୍‌କେ ଚାଷୀମାନ୍‌କୁ ତାଲିମ୍ ଦିଆଯାଇଥିଲା । ନାବାର୍ଡ଼ ସହାୟତାଥି କୃଷି ବିଜ୍ଞାନ୍ କେନ୍ଦ୍ରର୍ ମୁଖ୍ୟ ସଂଯୋଜକ୍ ତପନ୍ କୁମାର୍ ଦାସ୍‌ଙ୍କର୍ ଅଧ୍ୟକ୍ଷତାଥି ଇ ତାଲିମ୍ ଶିବିର୍ ହେଇଥିଲା ।

୧୦ ଶ୍ରେଣୀ ଛାତ୍ରଛାତ୍ରୀ-ବିଦାୟ ସମ୍ବର୍ଦ୍ଧନା /ନୂଆପଡ଼ା
ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ଖଡ଼ିଆଳ କେନ୍ଦ୍ରୀୟ ବିଦ୍ୟାଳୟ ନ ୧୦ ଶ୍ରେଣୀର୍ ଛାତ୍ରଛାତ୍ରୀମାନଙ୍କୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛେ । ସମ୍ବର୍ଦ୍ଧନା ସଭାଥି ଶିକ୍ଷକ୍ ଶିକ୍ଷୟିତ୍ରୀମାନେ ମେଟ୍ରିକ୍ ପରୀକ୍ଷା ଦେବାର୍ ସମିଆଥି ଛାତ୍ରଛାତ୍ରୀମାନେ ଚାପ୍‌ମୁକ୍ତ ହେଇକରି ପରୀକ୍ଷା ଦେବାର୍ ସହେତେ ଭଲ୍ ନମ୍ବର୍ ରଖିବାର୍ ଲାଗି ପରାମର୍ଶ ଦେଇଛନ୍ ।

ନିଯୁକ୍ତି ମେଳା ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲାପାଲ୍‌ଙ୍କର୍ ସମ୍ମିଳନୀ କକ୍ଷ ଠାନେ ୩ ଟା ବ୍ଲକର୍ ଯୁଆନ୍ ମାନ୍‌କୁ ନିଯୁକ୍ତି ଆର୍ ଦକ୍ଷତା ପ୍ରମାଣ୍‌ପତ୍ର ବଂଟାଯାଇଛେ । ଉପଜିଲ୍ଲାପାଲ୍ ପ୍ରବୀଣ୍ କୁମାର୍ ବାଣୁଆଙ୍କର୍ ଅଧ୍ୟକ୍ଷତାଥି ହେଇଥିବା କାର୍ଯ୍ୟକ୍ରମ୍‌ଥି ୪୫ ଝନ୍‌କୁ ପ୍ରମାଣ୍‌ପତ୍ର ଦିଆଯାଇଥିଲା । ନିଯୁକ୍ତି ପତ୍ର ପାଇଥିବା ଯୁଆନ୍ ପିଲା ଟୁକେଲ୍‌ମାନେ କେନ୍ତାକରି ଭଲ୍‌କରି କାମ୍

କର୍‌ବେ, ଆତ୍ମନିର୍ଭର୍ ହେବେ ଆର୍ ନୂଆଁ ପିଲାମାନ୍‌କୁ ତାଲିମ୍ ଦେଇପାର୍‌ବେ ସେ ବାବ୍‌ଦେ ଉପ ଜିଲ୍ଲାପାଲ୍ ବୁଝେଇଥିଲେ ।

ଭାରତ୍- ଇଂଲଣ୍ଡ୍ କ୍ରିକେଟ୍ ମେଚ ଆର୍‌ଏନ୍‌ୟୁ/ ସମ୍ବଲପୁର

କଟକ୍ ବାରବାଟୀ ଷ୍ଟାଡ଼ିୟମ୍ ଠାନେ ଆଏବା ରଏବାର୍ ଦିନ ହେବାର୍‌କେ ଥିବା ଭାରତ୍- ଇଂଲଣ୍ଡ୍ ଦିନ୍‌କିଆ କ୍ରିକେଟ୍ ମେଚ୍ ଲାଗି ଆଏଜ୍ ଦୁହି ଦଲ୍ ଓଡ଼ିଶା ପୁହୁଁଚିବେ । ଆଉ କିଛି ସମିଆ ଉତ୍‌ରୁ ଦୁହି ଦଲ୍ ଭୁବ୍‌ନେଶ୍ୱର୍ ବିମାନ୍ ବନ୍ଦର୍ ନ ପୁହୁଁଚିକରି ମେ’ଫେୟାର୍ ହୋଟେଲ୍‌କେ ଯିବେ । ଆଏବା କାଏଲ୍ ବାରବାଟୀ ଷ୍ଟାଡ଼ିୟମ୍ ଠାନେ ଦୁହି ଦଲ୍ ଅଭ୍ୟାସ୍ ମେଚ୍ ଖେଲ୍‌ବେ ବଲି ଓଡ଼ିଶା କ୍ରିକେଟ୍ ସଂଘ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ଆଏବା ୨ / ୪ ଦିନ୍ ଭିତ୍‌ରେ ଦିନର୍ ସବୁନୁ କମ୍ ତାପମାତ୍ରା ୪ ଡିଗ୍ରୀତକ୍ କମିପାରେ ବଲି ଭୁବ୍‌ନେଶ୍ୱର୍

ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ଅନୁମାନ୍ କରିଛେ । ଇତାର୍‌ସହେତେ ରାଜ୍ୟର୍ ୪ ଟା ଜିଲ୍ଲା ବହଲିଆ କୁହୁଡ଼ି ଦେଖାଯିବା ବଲି ସତର୍କ ସୂଚ୍‌ନା ଜାରି କରାଯାଇଛେ ।